# ଫିନୋଲେକ୍ସ ଓ ଗଲ୍ଫ ଇଣ୍ଡିଆର ସଡ଼କ ସୁରକ୍ଷା ଅଭିଯାନ




ମୁମ୍ବାଇ, (ଏଜେନ୍ସି): ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ସଚେତନତା ପାଇଁ ପୁନେ ଟ୍ରାଫିକ୍ ପୁଲିସ ସହାୟତାରେ ଫିନୋଲେକ୍ସ ପାଇପ୍ସର ସିଏସ୍ଆର୍ ସହଯୋଗୀ ମୁକୁଲ ମାଧବ ଫାଉଣ୍ଡେସନ୍ ଓ ଗଲଫ୍ ଅଏଲ୍ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡ୍ ୩୬ କିଲୋମିଟର ଦୀର୍ଘ ଶୋଭାଯାତ୍ରାର ଆୟୋଜନ କରିଛନ୍ତି । ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ପୁନେ ପୁଲିସ କମିଶନର ରଶ୍ମି ଶୁକ୍ଲା, ଫିନୋଲେକ୍ସ ପାଇପ୍ସର ଅର୍ଥ ନିର୍ଦ୍ଦେଶକ ଅନୀଲ ଭି ୱାଭୀ, ଗଲ୍ଫ ଅଏଲ୍ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରବି ଚାୱ୍ଲା ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମରେ ୪୦୦ ପୁଲିସ କର୍ମଚାରୀ ଓ ୨୦୦ ଆଗ୍ରହୀ ମୋଟର ସାଇକେଲ ଆରୋହୀ ଅଂଶଗ୍ରହଣ କରିଛନ୍ତି । ମୁଣ୍ଡରେ ସୁରକ୍ଷା କବଚ ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଏହି ଅବସରରେ ଦୁଇ କମ୍ପାନୀ ପକ୍ଷରୁ ପୁନା ପୋଲିସ୍‌ଙ୍କ ମଧ୍ୟରେ ୧୬୦୦ ହେଲମେଟ୍ ଓ ମୁଖା ବଣ୍ଟନ କରାଯାଇଥିଲା । ମୁକ୍ତ ଗାଡ଼ି ଚାଳନା ପାଇଁ ଟ୍ରାଫିକ୍ ନିୟମ ପାଳନ ପାଇଁ ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଫିନୋଲେକ୍ସ ଇଣ୍ଡଷ୍ଟ୍ରି ଲିମଟେଡ଼ର ନିର୍ଦ୍ଦେଶକ ତଥା ମୁକୁଲ ମାଧବ ଫାଉଣ୍ଡେସନର ପରିଚାଳନା ଟ୍ରଷ୍ଟି ରିତୁ ଛବିରିଆ କହିଛନ୍ତି ଯେ, ସଡ଼କ ସୁରକ୍ଷା ପରି ଏକ ସାମାଜିକ କାର୍ଯ୍ୟ ପାଇଁ ଦୁଇ କର୍ପୋରେଟ ସଂସ୍ଥାର ହେଲମେଟ୍ ପରିଧାନ ଅଭିଯାନ ଏକ ଅନନ୍ୟ କାର୍ଯ୍ୟକ୍ରମ ଅଟେ । ପୁନେର ପୁଲିସ ସହ ବିଭିନ୍ନ କ୍ଷେତ୍ରରେ ଫିନୋଲେକ୍ସର ସମ୍ପର୍କ ରହିଆସିଛି ବୋଲି ସେ କହିଛନ୍ତି । ଏହି ଅବସରରେ ଗଲଫ୍ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରବି ଚାୱ୍ଲା ଟ୍ରାଫିକ ପୋଲିସର କର୍ତ୍ତବ୍ୟନିଷ୍ଠାକୁ ସ୍ୱୀକୃତି ଜଣାଇଛନ୍ତି ।